ଶନିବାର, ୧୫ ନଭେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ






୬ କବିତା



୩ ଶିଶୁ ପ୍ରତିଭା



୬ ଜଣାଅଜଣା



# ଖିଲି ଖିଲି ହସ

ରାଜୁ  କାର୍ ଧୋଉଥିବାର ଦେଖି ଜଣେ ଆଣ୍ଟି କହିଲେ– ଆରେ କ'ଣ କାର୍ ଧୋଉଛୁ ?
ରାଜୁ: ନାଇଁମ ଆଣ୍ଟି, କାର୍ ଧୋଉନି ; କାର୍‌ରେ ପାଣି ଦେଉଥିଲି କାଳେ ବଡ଼ ହୋଇ ବସ୍ ହୋଇଯିବ ।

–ହିନ୍ଦୀ କ୍ଲାସ ଚାଲିଥିବା ସମୟରେ ଶିକ୍ଷକ କହିଲେ, ପିଲାମାନେ  ଏମିତି ଗୋଟିଏ ସ୍ତ୍ରୀ ଲୋକର ନାମ କୁହ ଯିଏ କେବେ ହସିନି (ଏକ ଔରତ କା ନାମ ବତାଓ ଯୋ କଭି ନା ହସି ହୋ) । ଛାତ୍ର ମଧ୍ୟରୁ ରାମୁ କହିଲା– ସାର୍ ମୁଁ କହିବି।
ଶିକ୍ଷକ–କୁହ ?
ଛାତ୍ର–ହସିନା।

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ରାହୁଲକୁ ପଚାରିଲେ– ଆକବର କେବେ ପର୍ଯ୍ୟନ୍ତ  ଶାସନ କରିଥିଲେ ?
ରାହୁଲ: ସାର୍ ଆକବର ପେଜ୍ ନଂ.୧୪ରୁ ଶାସନ ଆରମ୍ଭ କରି ପେଜ୍ ନଂ.୨୨ ପର୍ଯ୍ୟନ୍ତ କରିଥିଲେ।

# ପରୋପକାର

## ଗପ



ସଭାରେ ଯୋଗଦେବା ଲାଗି ଗାଁରେ ସମସ୍ତଙ୍କୁ ଡାକବାଡି ଯନ୍ତ୍ରରେ ଜଣାଇ ଦିଆ ଯାଇଥିଲା। ସଭା ଆରମ୍ଭ ହେବା ବେଳକୁ ଆଶା କରା ଯାଉଥିବା ସଂଖ୍ୟା ଠାରୁ ଲୋକଙ୍କ ସଂଖ୍ୟା ବହୁତ ବଢ଼ି ଯାଇଥିଲା। ତେଣୁ ସଭା ଶେଷ ପରେ ଜଳଖିଆ ଖାଇବା ପାଖରେ ଲୋକମାନଙ୍କ ନାହିଁ ନ ଥିବା ଭିଡ଼। କିଏ ପାଇଲା ତ ଆଉ କିଏ ଜୋର କରି ଅଧିକ ପ୍ୟାକେଟ୍ ନେବାରେ ବ୍ୟସ୍ତ ହୋଇ ପଡିଥିଲେ। କିଛି ସମୟ ମଧ୍ୟରେ ସବୁ ଜଳଖିଆ ପ୍ୟାକେଟ ସରିଗଲା। ହେଲେ ସେଠାକୁ ଆସିଥିବା ଜଣେ ମହିଳା ଖାଇବାକୁ କିଛି ନ ପାଇ ମନ ଦୁଃଖରେ ଖାଲି ଏପଟ ସେପଟ ହେଉଥାନ୍ତି। ହେଲେ କେହି ତାଙ୍କ ସମସ୍ୟା ସମ୍ପର୍କରେ ଜାଣିବା ପାଇଁ କିଛି ପଚାରୁ ନ ଥାନ୍ତି।

କିଛିସମୟ ପରେ ବୁଢ଼ା ମଉସା ଜଣେ ହାତରେ ବାଡ଼ି ଧରି ସେଇ ବାଟ ଦେଇ ଯାଉଥାନ୍ତି। ତାଙ୍କ ବେଶ ଭୂଷାରୁ ମନେ ହେଉଥାଏ ସେ ମାଗି ଯାଚି ନିଜ ଜୀବନ ନିର୍ବାହ କରୁଛନ୍ତି। ସେଇ ମହିଳାଙ୍କ ମନର ଅବସ୍ଥାକୁ ଦେଖି ତାଙ୍କର କ'ଣ ହୋଇଛି ବୋଲି ବୁଢ଼ା ମଉସା ପଚାରିଲେ। ଦୁଃଖ ସମୟରେ ଏଭଳି ଦରଦୀଭରା ଆତ୍ମୀୟ କଥା ପଦେ ଶୁଣି ମହିଳାଜଣକ କାନ୍ଦି ପକାଇଲେ। କହିଲେ ଘରକୁ ଗଲେ କ'ଣ ଆଣିଛି ବୋଲି ପୁଅ ମତେ ଖାଇବାକୁ ମାଗିବ ଆଉ ମୋ ଫେରିବା ବାଟକୁ ଚାହିଁ ବସିଥିବ। ତାକୁ ଦେବା ଲାଗି ପାଖରେ ତ କିଛି ନାହିଁ। ଏତିକି କହି ସେ ନିଜ କୋହ ସମ୍ବରଣ କରିପାରି ନ ଥିଲେ।

ମହିଳାଙ୍କ କଷ୍ଟ ଦେଖି ବୁଢ଼ା ମଉସା ଆଉ ଡେରି ନ କରି ନିଜ ମୁଣିରେ ମାଗି କରି ରଖିଥିବା ବିସ୍କୁଟ ଗୋଟେ ଆଉ କିଛି ଖାଦ୍ୟ ତାଙ୍କ ହାତକୁ ବଢ଼ାଇ ଦେଲେ। ଛୋଟିଆ ବିସ୍କୁଟଟିଏ ହେଲେ ବି ସେଦିନ ତାହା ମହିଳାଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ହୋଇ ଯାଇଥିଲା। ବୁଢ଼ା ମଉସାକୁ ଧନ୍ୟବାଦ ଜଣାଇ ସେଦିନ ସେ ସେଠାରୁ ଖୁସି ମନରେ ନିଜ ଘରକୁ ଧାଇଁ ଯାଇଥିଲେ। ନିଜ ପାଖରେ କିଛି ଖାଇବାକୁ ନ ଥିଲେ ବି ବୁଢା ମଉସା ସେଦିନ ଭାରି ଖୁସି ହୋଇ ଯାଇଥିଲେ। ପ୍ରକୃତରେ ଅନ୍ୟର ଉପକାର କଲେ ଯେଉଁ ଆନନ୍ଦ ମିଳେ ତାହା ସେ ହୃଦୟଙ୍ଗମ କରିପାରିଥିଲେ। ସେଥିପାଇଁ ନିଜେ ନ ଖାଇ ମଧ୍ୟ ମହିଳାଙ୍କୁ ଖାଇବାକୁ ଦେଇ ସେ ବହୁତ ଖୁସି ଥିଲେ। ତେଣୁ ଆମେ ସମସ୍ତେ ଜୀବନରେ ପରୋପକାର କରିବା ନିମନ୍ତେ ଚେଷ୍ଟା କରିବା ଦରକାର। ନିଜ ପାଇଁ ତ ସମସ୍ତେ ସବୁକିଛି କରନ୍ତି। ହେଲେ ଅନ୍ୟ ପାଇଁ କରିବାରେ ଯେଉଁ ଆନନ୍ଦ ଅଛି ତାହା କେବଳ ଅନୁଭବୀ ହିଁ ଜାଣିପାରିବ। ସେଥିପାଇଁ କୁହାଯାଇଛି 'ପରୋପକାରାୟ ସ୍ୱର୍ଗାୟ'। ତେଣୁ ଆମେ ସମସ୍ତେ ନିଜ ସାମର୍ଥ୍ୟ ଅନୁସାରେ ପରୋପକାର କରିବା ନିମନ୍ତେ ସବୁବେଳେ ତତ୍ପର ରହିବା ଉଚିତ।

**– ସତ୍ୟନାରାୟଣ ପ୍ରଧାନ**
ଅଣ୍ଡିଆ, ଯାଜପୁର,
ମୋ: ୯୧୭୮୩୧୩୭୬୪

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଫିଙ୍ଗର ମଙ୍କି

ପିଲାମାନେ ସମସ୍ତେ ମାଙ୍କଡ ତ ଦେଖିଥିବେ ନିଶ୍ଚୟ। ହେଲେ ଏମିତି ଏକ ବିଶେଷ ପ୍ରଜାତିର ମାଙ୍କଡ ଅଛି ଯାହାକୁ ହାତ ପାପୁଲିରେ ରଖିହେବ। ସେଥିପାଇଁ ଏମାନଙ୍କୁ ଫିଙ୍ଗର ମଙ୍କି କୁହାଯାଏ। ଏଭଳି ବିଶେଷ ଧରଣର ମାଙ୍କଡ ସାଧାରଣତଃ ଆମେରିକାର ବଲିଭିଆ, ବ୍ରାଜିଲ, କଲମ୍ବିଆ, ଇକୁଆଡର ଓ ପେରୁରେ ଦେଖିବାକୁ ମିଳନ୍ତି। ଏହି ପ୍ରଜାତି ମାଙ୍କଡର ଓଜନ ପ୍ରାୟ ୧୦୦ ଗ୍ରାମ୍। ଏମାନେ ପ୍ରାୟତଃ ଘନ ବାଦାମୀ, ଧୂସର, କମଳା–ହଳଦିଆ ଓ କଳାରଙ୍ଗର ହୋଇଥାନ୍ତି। ଶରୀର ତୁଳନାରେ ଲାଞ୍ଜ ଲମ୍ବା ହୋଇଥାଏ। ମୁଣ୍ଡକୁ ପ୍ରାୟ ୧୮୦ ଡିଗ୍ରୀ ପର୍ଯ୍ୟନ୍ତ ଘୁରାଇ ପାରନ୍ତି। ଏମାନେ ୧୬ ଫୁଟ ପର୍ଯ୍ୟନ୍ତ ଡେଇଁ ପାରନ୍ତି। କିଛି ଗଛର ପତ୍ର ଓ ରସକୁ ଏମାନେ ଖାଆନ୍ତି। ଅନ୍ୟ ମାଙ୍କଡମାନଙ୍କ ଭଳି ଏମାନେ ମଧ୍ୟ ପରିବାର ଗୋଷ୍ଠୀରେ ରହିବାକୁ ପସନ୍ଦ କରନ୍ତି। ତେଣୁ ପିଲାମାନଙ୍କୁ ନେଇ ଏମାନେ ଉଭୟ ପୁରୁଷ ଓ ମହିଳା ମାଙ୍କଡ ରହନ୍ତି। ବିଭିନ୍ନ ପ୍ରକାରର ସ୍ୱର ତଥା ଦୃଶ୍ୟ ମାଧ୍ୟମରେ ପରସ୍ପର ଯୋଗାଯୋଗ କରନ୍ତି। ଆଉ ଏକ ବିଶେଷତା ହେଉଛି ଏହି ପ୍ରଜାତିର ମାଙ୍କଡ ପ୍ରାୟତଃ ଯାଆଁଳା ଛୁଆ ପ୍ରସବ କରନ୍ତି।



# ମତାମତ

➲ ପ୍ରତିଭାରେ ନୀତିନ୍‌ଜିତ୍‌ଙ୍କ ବିଷୟରେ ପଢ଼ି ବହୁତ ଖୁସି ଲାଗିଲା। କିପରି ଛୋଟ ପିଲାଟିଏ ବହିଟିଏ ଲେଖି ତାଙ୍କ ନାମକୁ ଦେଶ ଏବଂ ଦେଶ ବାହାରେ ମଧ୍ୟ ପରିଚିତ କରାଇବାରେ ସକ୍ଷମ ହୋଇପାରିଛନ୍ତି।

**– ଲୋପା ସାହୁ, କୋରାପୁଟ**


➲ ଶୀତଦିନରେ ସାପ କାହିଁକି ଦେଖାଯାଆନ୍ତିନି, ସିଂହ କ'ଣ ଖାଏ ଏବଂ କିପରି ଖାଦ୍ୟ ସଂଗ୍ରହ କରେ ତା' ବିଷୟରେ ମଧ୍ୟ ଜାଣିବାକୁ ପାଇଲି।

**– ତୁହିନା ରାୟ, କେନ୍ଦ୍ରାପଡ଼ା**

➲ ଘୋଡ଼ା ପଳାଇଲା ତା' ବାଟରେ ଗଳ୍ପରେ ଏଥିରୁ ଅନେକ କଥା ଶିଖିବାକୁ ମିଳିଲା।

**– ଲିଜାରାଣୀ ମହାନ୍ତି, ରାଉରକେଲା**

## ତୁମ ପଢ଼ିବା ପାଇଁ




**ମୋ ଆଶା:** ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା' ର ଅକ୍ଟୋବରରୁ ଡିସେମ୍ବର ସଂଖ୍ୟାରେ ରହିଛି ମାଆ ରାମଚଣ୍ଡୀ, ପାପ ବିନାଶର କାରଣ, ପୃଥିବୀର ଦୁଃଖ, ଅଣକ ଖୋଲୁଛି ପେଟ କଣକ ପାଇଁ, ଟଙ୍କା ପୋକ, ଅଝଟିଆ ପିଲା କୁନା ଏବଂ ମାଆଙ୍କର ପୂଜା ବଢ଼ିଆ ଭଳି ରହିଛି କେତୋଟି ଗଳ୍ପ ଓ କବିତା। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ରହିଛି ୨୦ଟଙ୍କା। ଯୋଗାଯୋଗ– ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର,ନିମାପଡା,ପୁରୀ।

ଶିଶୁ ପ୍ରତିଭା

# ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



## ଆର୍ଯ୍ୟନ ମହାନ୍ତି

କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ମାତ୍ର ଦୁଇ ବର୍ଷ ଭିତରେ ସେ ଟେବୁଲ ଟେନିସ୍‌ରେ ନିଜ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। କେବଳ ସେତିକି ନୁହେଁ, ଏହା ଭିତରେ ସେ ରାଜ୍ୟସ୍ତରୀୟ ଏବଂ ଇନ୍ଦୋର ଏବଂ ଦିଲ୍ଲୀରେ ଆୟୋଜିତ ଜାତୀୟ ଟେବୁଲ ଟେନିସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଏହି ପ୍ରତିଭା ଜଣଙ୍କ ହେଉଛନ୍ତି ଆର୍ଯ୍ୟନ ମହାନ୍ତି। ସତ୍ୟଜିତ ମହାନ୍ତି ଏବଂ ପ୍ରତୀକ୍ଷା ଦାସଙ୍କର ଏହି ପୁତ୍ର ବର୍ତ୍ତମାନ ପୁରୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ନିଜ ସଫଳତା ବିଷୟରେ ସେ କହନ୍ତି, “ ୨୦୨୩ରେ ମୁଁ ଟେବୁଲ ଟେନିସ ପ୍ରତି ଆକର୍ଷିତ ହେଲି। କଟକରେ ଆନ୍ତଃ-ସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିବା ପରେ ମୋ ମନ ଆହୁରି ଦୃଢ଼ ହୋଇଥିଲା। ଏହାବ୍ୟତୀତ ଦୁଇ ଥର ଜାତୀୟ ସ୍ତରରେ ଟେବୁଲ ଟେନିସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ଦୁଇ ଥର ବ୍ରୋଞ୍ଜ ପଦକ ହାସଲ କରିଥିଲି। ପାଠପଢ଼ା ବ୍ୟତୀତ ମୁଁ ପ୍ରତିଦିନ ୪-୫ ଘଣ୍ଟା ପ୍ରାକ୍ଟିସ କରିଥାଏ। ଏବେ ମୁଁ ବିମଳ ପ୍ରସାଦ ମହାନ୍ତି ଏବଂ ରଣଜିତ ବାରିକଙ୍କ ଅଧିନରେ ଟେବୁଲ ଟେନିସ ଅଭ୍ୟାସ ଜାରି ରଖିଛି।” ଚଳିତ ବର୍ଷ ପୁରୀରେ ଆୟୋଜିତ ଆନ୍ତଃ-ଜିଲ୍ଲା ଟେବୁଲ ଟେନିସ୍ ପ୍ରତିଯୋଗିତା (୧୧ବର୍ଷରୁ କମ୍)ରେ ସେ ଚାମ୍ପିୟନ ହେବା ସହ ପୁଣି ଥରେ ପୁରୀରେ ଆୟୋଜିତ ୧୩ବର୍ଷରୁ କମ୍ ଟେବୁଲ ଟେନିସ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହାବ୍ୟତୀତ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଟେବୁଲ ଟେନିସ ପ୍ରତିଯୋଗିତା (୧୧ ବର୍ଷରୁ କମ୍)ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ପାଠପଢ଼ା



ଏବଂ ଟେବୁଲ ଟେନିସ ଖେଳିବା ବ୍ୟତୀତ ଆର୍ଯ୍ୟନଙ୍କୁ ଅବସର ମିଳିଲେ ସେ ଚିତ୍ର ଆଙ୍କିବାକୁ ବସି ପଡନ୍ତି। ସେ ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କାର ହାସଲ କରିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ଏହି ପ୍ରତିଭା।

-ମହାଶ୍ୱେତା ନାୟକ

# ଲକ୍ଷ୍ୟ



ପାଠ ପଢ଼ିବା ସମୟରେ ପିଲାମାନଙ୍କ ମନରେ ନିଜ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଉଙ୍କି ମାରିଥାଏ। ଏହାପରେ ସେମାନେ କ'ଣ କରିବେ ସେ ନେଇ ଏକ ଲକ୍ଷ୍ୟ ସ୍ଥିର କରିଥାଆନ୍ତି। କିନ୍ତୁ ଏହାକୁ ହାସଲ କରିବା ଏତେ ସହଜ କଥା ନୁହେଁ। ତେବେ ଏଥିଲାଗି ନିମ୍ନୋକ୍ତ କେତୋଟି ଟିପ୍ସ ଆପଣେଇ ପାରନ୍ତି...

ପାଠ ପଢ଼ି ସାର୍ଟିଫିକେଟ୍ ହାସଲ କରିବା ବଡ଼ କଥା ନୁହେଁ। ପାଠପଢ଼ାରୁ ଏଭଳି କିଛି ଭଲ ଗୁଣ ଅର୍ଜନ କରିବା ଦରକାର, ଯାହା ଭବିଷ୍ୟତରେ ନିଜ କ୍ୟାରିୟର ଗଢ଼ିବାରେ ସହାୟକ ହେବ। ବିଶେଷଭାବରେ ପିଲାମାନେ ସ୍କୁଲରେ ପଢ଼ିବା ବେଳେ ନିଜ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ସେଥିରୁ କେତେ ସଫଳ ହୁଏ ତାହା ଅଲଗା କଥା, କିନ୍ତୁ ସକାରାତ୍ମକ ଚିନ୍ତାଧାରା ସହ ଯିଏ ଲକ୍ଷ୍ୟପଥରେ ଆଗେଇ ଥାଆନ୍ତି, ସେମାନଙ୍କ ମଧ୍ୟରୁ ଅନେକ ଏଥିରେ ସଫଳ ହୋଇଥାଆନ୍ତି। ତେବେ ନିଜ ଲକ୍ଷ୍ୟ ପଥରେ ସଫଳ ହେବାକୁ ହେଲେ ପିଲାମାନଙ୍କୁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ...

## ଲକ୍ଷ୍ୟ ନିର୍ଦ୍ଧାରଣ

ଜୀବନରେ କିଛି ନା କିଛି ଲକ୍ଷ୍ୟ ରହିବା ନିହାତି ଆବଶ୍ୟକ। ଏପରି କିଛି ଲକ୍ଷ୍ୟ ରଖନ୍ତୁ ନାହିଁ, ଯାହାକୁ ଆଧାର କରି ଆଗେଇଲେ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଯେତେବେଳେ ନିଜର ଲକ୍ଷ୍ୟ ବିଷୟରେ ଚିନ୍ତା କରୁଛନ୍ତି ତେବେ ଅଭିଜ୍ଞ ଲୋକଙ୍କ ସହ ଆଲୋଚନା କରନ୍ତୁ। ତାଙ୍କୁ ନିଜ ଲକ୍ଷ୍ୟ ବିଷୟରେ କୁହନ୍ତୁ। ଏ ବିଷୟରେ ମାତା-ପିତାଙ୍କ ମତ ନେବାକୁ ଭୁଲନ୍ତୁ ନାହିଁ। ଲକ୍ଷ୍ୟ ଚୟନ ସମୟରେ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। ଏହି ବିଷୟରେ ଯଦି ମନରେ କିଛି ପ୍ରଶ୍ନ ଉଠୁଛି ତାହାକୁ ପ୍ରଥମେ ସମାଧାନ କରନ୍ତୁ।

## ରୁଚି

ନିଜର ରୁଚି ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ। ଯାହା ରୁଚି ରହିଛି ଯଦି ସେଥିରେ ଭବିଷ୍ୟତରେ କ୍ୟାରିୟର ଗଢିବାର ଲକ୍ଷ୍ୟ ରହିଛି ତାହା କେତେ ଲାଭପ୍ରଦ ଚିନ୍ତା କରନ୍ତୁ। ଏଭଳି ଲକ୍ଷ୍ୟ ରଖନ୍ତୁ ନାହିଁ, ଯାହାକୁ ନେଇ ମନରେ ସବୁବେଳେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିବ। କାରଣ ନିଜର ରୁଚି ଅନୁସାରେ ଯଦି ଲକ୍ଷ୍ୟ ନିର୍ଦ୍ଧାରଣ କରୁଛନ୍ତି ତେବେ ଆତ୍ମବିଶ୍ୱାର ସହ ଆଗେଇଲେ ଆଉ କିଛି ଅସୁବିଧା ହେବ ନାହିଁ।





## ପ୍ଲାନିଂ


ଲକ୍ଷ୍ୟ ହାସଲ କରିବି ବୋଲି କେବଳ ଚିନ୍ତା କଲେ ହେବ ନାହିଁ, ସେଥିଲାଗି ଯୋଜନା ବା ପ୍ଲାନିଂ କରିବା ଆବଶ୍ୟକ। ଏଭଳି ଯୋଜନା ପ୍ରସ୍ତୁତ କରନ୍ତୁ, ଯେମିତି ତାହା ଲକ୍ଷ୍ୟ ହାସଲକୁ ସହଜ କରିଦେବ। ଯୋଜନା ପ୍ରସ୍ତୁତ ସମୟରେ ମନରେ ନକାରାତ୍ମକ ଚିନ୍ତାଧାରା ଆଣନ୍ତୁ ନାହିଁ। ଯଦି କିଛି ସମସ୍ୟା ସୃଷ୍ଟି ହେଉଛି ତେବେ ତାହାର ସମାଧାନ କରନ୍ତୁ।

## ଠିକ୍ ଦିଗ

ଗୋଟିଏ କାମକୁ ଠିକ୍ ଭାବରେ କରିବା ଦରକାର। କେତେକ ପିଲା ନିଜ ଲକ୍ଷ୍ୟ ହାସଲ କରିବାକୁ ବହୁତ ପରିଶ୍ରମ କରନ୍ତି। ହେଲେ ସେମାନଙ୍କ ମଧ୍ୟରୁ କେତେକେ ସଫଳ ହୋଇ ନ ଥାନ୍ତି। ଏହି ସମୟରେ ନିରାଶ ହୁଅନ୍ତୁ ନାହିଁ। ଲକ୍ଷ୍ୟ ହାସଲ କରିବାରେ କାହିଁକି ବିଫଳ ହେଲେ ସେ ବିଷୟରେ ତର୍ଜମା କରନ୍ତୁ। ଠିକ୍ ଦିଗରେ ଅଗ୍ରସର ହେଲେ ସଫଳତା ମିଳିବାର ସମ୍ଭାବନା ଅଧିକ ଥାଏ।


## ବୁଦ୍ଧିମତ୍ତା

ନିଜର ଲକ୍ଷ୍ୟ ହାସଲ କରିବାକୁ ହେଲେ ନିଜର ସ୍ମାର୍ଟନେସ୍ ପ୍ରତି ନଜର ଦିଅନ୍ତୁ। ଏହି ସମୟରେ କେତେଗୁଡ଼ିଏ ବିଷୟରେ ଜାଣିବାକୁ ପଡ଼ିଥାଏ। ସେଥିପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ। ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବା ବେଳେ ନିଜର ବୁଦ୍ଧିମତ୍ତା ପ୍ରତି ନଜର ଦିଅନ୍ତୁ। ବୁଦ୍ଧିମତ୍ତା ପ୍ରଖର ରହିଲେ ତାହା ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ।



୧


୨


୩



୭


୪


୫


୬


**ବିନୟ କୁମାର ସିଂହ**
କ୍ଲାସ-୬, ରାଇକମା ଆଶ୍ରମ ସ୍କୁଲ, ବଇଶିଙ୍ଗା, ମୟୂରଭଞ୍ଜ ୧


**ମାଷ୍ଟର ସାଇପ୍ରସାଦ ପଣ୍ଡା**
କ୍ଲାସ- ୭, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର ୨


**ହେମାଲୀ ପ୍ରିୟା**
କ୍ଲାସ-୨, ଗୋପବନ୍ଧୁ ହାଇସ୍କୁଲ, ରାଜସ, ଖୋର୍ଦ୍ଧା ୩


**ଅପରାଜେୟ ପାଢ଼ୀ**
କ୍ଲାସ- ଏଲକେଜି, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର ୪


**ମହାଶ୍ୱେତା ସାହୁ**
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର, ବରଗଡ ୫


**ସାଇଶୁଭସ୍ମିତା ନାୟକ**
କ୍ଲାସ- ୭, ଗୋପବନ୍ଧୁ ହାଇସ୍କୁଲ, ବଡପଡା, ରାଜସ, ଖୋର୍ଦ୍ଧା ୬


**ପ୍ରୀତିରାଜ ଦାସ**
କ୍ଲାସ-୫, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ନୂଆବଜାର, କଟକ ୭


**ଦେବ ରୋଶନୀ ସାହୁ**
କ୍ଲାସ- ୫, ୟଙ୍ଗ ଫୋନେକ୍ସ ପବ୍ଲିକ ସ୍କୁଲ, ସାମନ୍ତରାପୁର, ଭୁବନେଶ୍ୱର ୮


୮

# ଏଥରର



- ଜୋତାର ଲେସ୍‌ର ଆଗରେ ଲାଗିଥିବା ପ୍ଲାଷ୍ଟିକ୍ ବା ଟ୍ୟୁବ୍‌କୁ କ'ଣ କହନ୍ତି ?
- ଜେମ୍‌ସ ବଣ୍ଡର କୋଡ୍ ନାମ ?
- ଲିଓନାର୍ଡୋ ଦା ଭିନ୍‌ସିଙ୍କ ମୋନାଲିସା ପେଣ୍ଟିଂ କେଉଁ ମ୍ୟୁଜିୟମ୍‌ରେ ରହିଛି ?
- ୨୦୧୪ରେ ଆମେରିକା ମୁଦ୍ରାରେ ପ୍ରଥମ ଥର ପାଇଁ କେଉଁ ଖେଳକୁ ସ୍ଥାନ ଦିଆଯାଇଥିଲା ?
- ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁସାରେ ସବୁ ସମୟ ପାଇଁ ବେଷ୍ଟ ସେଲିଂ ବୁକ୍ କେଉଁଟା ?

## ଗତଥରର ଉତ୍ତର

- ଖ୍ରୀଷ୍ଟୋଫର କଲମ୍‌ବସ୍
- ଚନ୍ଦ୍ରଗୁପ୍ତ ମୌର୍ଯ୍ୟ
- ଅରୁନ୍ଧତୀ ରାୟ
- ୱିଲିୟମ୍ ସେକ୍ସପିୟର
- ରୁଡୟାର୍ଡ କିପଲିଙ୍ଗ୍

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




### ୧୭ ବର୍ଷରେ ପାଇଲଟ୍

ମାତ୍ର ୧୭ ବର୍ଷ ବୟସରେ ବିମାନ ଚଳାଇବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ଏଭଳି ଅଭ୍ୟାସ କ୍ୱଚିତ୍ ଦେଖିବାକୁ ମିଳିଥାଏ। ହେଲେ ଏଇ ବୟସରେ ବିମାନରେ ଏକୁଟିଆ ବିଭିନ୍ନ ଦେଶ ଭ୍ରମଣ କରିଛନ୍ତି ବ୍ରିଟେନର ମ୍ୟାକ୍ ରଦରଫୋର୍ଡ। ଏତେ କମ୍ ବୟସରେ ସେ ଏହି ସଫଳତା ହାସଲ କରିଛନ୍ତି। ବିମାନରେ ଏକା ଯାତ୍ରା କରି ମୋଟ ୫୨ଟି ଦେଶ ଭ୍ରମଣ କରିପାରିଛନ୍ତି। ପୁରୁଷ ବର୍ଗରେ ପ୍ରଥମ ଥର ପାଇଁ ଏତେ କମ୍ ବୟସରେ ବିମାନରେ ବିଦେଶ ଯାତ୍ରା କରିଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ୨୦୨୨ ମାର୍ଚ୍ଚ ୨୩ ତାରିଖରେ ସେ ପ୍ରଥମେ ବୁଲଗେରିଆର ରାଜଧାନୀ ସୋଫିଆରୁ ଯାତ୍ରା ଆରମ୍ଭ କରି ଅଗଷ୍ଟ ୨୪ ତାରିଖରେ ଶେଷ କରିଥିଲେ। ତେବେ ଏହା ପୂର୍ବରୁ ବ୍ରିଟେନର ପାଇଲଟ୍ ଟ୍ରେଭିସ୍ ଲଡ୍‌ଲେଙ୍କ ନାଁରେ ଏଭଳି ରେକର୍ଡ ରହିଥିଲା। ସେ ୧୮ ବର୍ଷ ବୟସରେ ବିମାନ ଚଳାଇଥିଲେ।



## ଶୀତଟି ଆସିଗଲା

ଶରତ ନାହିଁ ଧରିତ୍ରୀ ପାଇଁ
ଶୀତ ଯେ ଆସିଗଲା
ଦିନଟି ଛୋଟ ରାତି ଯେ ବଡ଼
ହୋଇବ ଏବେ ଭଲା।
କାକର ଟୋପା ଝଟକିବରେ
ସତେ ମୁକୁତା ପରି
ବାଟଘାଟରେ କୁହୁଡ଼ି ଆସି
ଯିବରେ ସିନା ଭରି।
ଉତ୍ତର ଦିଗୁ ଆସିବ ବହି
ଥଣ୍ଡା ଜାଡୁଆ ବାଆ
ବିଦେଶୀ ପକ୍ଷୀ ମେଳେ ଚିଲିକା
ଦିଶିବ ଭଲ ଆହା।
କ୍ଷେତବାଡ଼ିରେ ପାଚିବ ଧାନ
ପରିବା ହେବ କେତେ
ଶୀତ ଥରେଇ ଦେବ ଥାଉରେ
ଶୀତବସ୍ତ୍ରଟି ଯେତେ।
ଆମେ କହିବା ଏଇ ଶୀତକୁ
ଅମଳ ଋତୁ ପରା
ଯୋଗାଏ ଶସ୍ୟ, ସିଏ ଅବଶ୍ୟ
ହସି ହସାଏ ଧରା।

– ନୀଳମଣି ଚାନ୍ଦ
ମନ୍ତ୍ରିମାନୋର, ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ସକାଳ

ସକାଳ ଆସଇ
ଶୀତଳ ଛୁଆଁରେ
ଫୁଲର ମହକ ନେଇ
ପକ୍ଷୀଙ୍କ ରାବରେ
ସୁରୁଜ କିରଣେ
ପୃଥିବୀଟା ହସୁଥାଇ।
ସୁନେଲି କିରଣ
ସ୍ୱର୍ଣ୍ଣାଭ ବେଳାରେ
ଆରମ୍ଭ ହୁଅଇ ଦିନ
ଟିକି ଫୁଲଫୁଟି
ପାଖୁଡ଼ା ମେଲାଏ
ମୋହଇ ସଭିଙ୍କ ମନ ।
କଅଁଳ ଖରାରେ
ଚମକଇ ଘାସ
ମୁକୁତା ପରି ଦିଶଇ
ଫୁଲ ଫଳ ହୁଏ ସଜେଇ
ଧରଣୀ ମାଆ
କି ସୁନ୍ଦର ଦିଶୁଥାଇ।
ଝରାଫୁଲ ଝରି
ଭୂଇଁରେ ଲୋଟଇ
କୁକୁଡ଼ା ଯେ ରାବଦିଏ
ନୂତନ ସକାଳେ
ନୂତନ ସୁରୁଜ କିରଣ
ନୂତନ ବାରତା ଦିଏ।

– ରମାକାନ୍ତ ଦାସ
ମୋ: ୯୬୬୮୮୧୫୩୬୯

## ଫୁଲରେ ଫୁଲ

ଫୁଲରେ ଫୁଲ
କିଏ ବା ଜଗତେ ତୋ' ସମତୁଲ
ରୂପରଙ୍ଗ ତୋର ଆହା କି ସୁନ୍ଦର
ଜଗତରେ ତୁହି ଅମୂଲ ମୂଲ।
ଫୁଲରେ ତୁହି
ତୋ'ପରି ଜଗତେ କିଏ ବା କାହିଁ
ମହକରେ ଭରା ରୂପଟି ତୋହର
ସବୁରି ମନକୁ ଯାଏରେ ଛୁଇଁ।
ତୁ' ଫୁଲରାଣୀ
ଭୁଲି ତ ହୁଏନା ତୋ' ରୂପଠାଣି
ତୋତେ ଦେଖି ଆସେ ଆକାଶେ ସୁରୁଜ
ଅନ୍ଧାର ରାତିଟା ନିଏ ମେଲାଣି।
ଫୁଲ ମୁକୁତା
ତୋ' ରୂପ ମହକ ଜଗତ ଜିତା
ତୋ' ସ୍ନେହରେ ବାଇ କିଏ ବା' ନ ହୁଏ
ଜୀବଠାରୁ ପୁଣି ଦିଅଁ ଦେବତା।
ଫୁଲ ସୁନ୍ଦରୀ
କେତେ ଯେ ମମତା ରଖିଛୁ ଭରି
ଶିଖିଲି ତୋ'ଠାରୁ ମମତା ବଳରେ
ଜଗତକୁ ହୁଏ ଆପଣା କରି।

– ସୀତାରାମ ପଣ୍ଡା
ମୋ: ୮୮୯୫୪୫୬୭୦୦୫

## ମଶା

ହାଲୁକା ଜୀବଟେ ଅସନା ବାସ ତା'
ଯେବେ ସେ କାମୁଡ଼ି ଦିଏ,
କୁଣ୍ଡାଇ ହୁଏ ଶରୀର ସେ ଜାଗା
ରକତକୁ ଶୋଷି ନିଏ।
ସ୍ଥିର ପାଣିରେ ସେ ଡିମ୍ବ ଦେଇଥାଏ
ମଇଳା ଗଦା ତା' ଘର
ନାଳ ନର୍ଦ୍ଦମାରେ ବିଚରଣ କରେ
କାମୁଡ଼ିଲେ ହୁଏ ଜ୍ୱର।
ସଫା ସୁତୁରାକୁ ଧ୍ୟାନ ଦେଇ ଆଗ
ପାଣିକୁ ଜମା ନ ରଖିବା
ଅଳିଆ ସବୁକୁ କୁଣ୍ଡରେ ପକାଇ
ଡାଙ୍କୁଣୀ ଲଗାଇ ଦେବା।
ମଶାରି ଲଗାଇ ରାତିରେ ଶୋଇବା
ସଫା ରଖିବା ଘର
ସଜାଇ ରଖିବା ପ୍ରତି ଜିନିଷକୁ
ସୁସ୍ଥ ରହିବ ଶରୀର।

– ଗୋପୀନାଥ ଦାଶ
ମୋ: ୬୩୭୦୧୮୦୫୦୭୦

## କହିଲ ଦେଖି



ଭାରତର ଜଣେ ସଂଗ୍ରାମୀ ବୀର
କଟକ ଓଡ଼ିଆ ବଜାରେ ଘର
କରିଲେ ବାର୍ତ୍ତା ପ୍ରଚାର,
ତୁମେ ମୋତେ ଦିଅ ରକ୍ତ
ମୁଁ ଦେବି ସ୍ୱାଧୀନତା
ଜାନକୀ ନାଥ ତାହାଙ୍କ ପିତା
ପ୍ରଭାବତୀ ଦେବୀ ମାତା
କହିଲ ପିଲାଏ କିଏ ସେ ନେତା।

ଉତ୍ତର – ନେତାଜୀ ସୁଭାଷ ଚନ୍ଦ୍ର ବୋଷ



ଆଖିରେ ଚଷମା ହାତରେ ଗୀତା
ନେତା ନୁହଁ ଆମ ଜାତିର ପିତା,
ତାଙ୍କ ନାମ କହି ଦିଅ ସବିତା
ନିଶ୍ଚୟ ହୋଇବ ଜଗତ ଜିତା।

ଉତ୍ତର – ମହାତ୍ମା ଗାନ୍ଧୀ



ଭାରତ ପ୍ରଧାନ ମନ୍ତ୍ରୀ
ଉପାଧି ତାଙ୍କର ଶାସ୍ତ୍ରୀ,
ଜୟ ଯବାନ ଜୟ କିଷାନ
ସ୍ଲୋଗାନ ଦେଇଥିଲେ,
ଏକତା ସୂତ୍ରେ ଦେଶକୁ ବାନ୍ଧି
ଯୁଦ୍ଧ ବିଜୟୀ ହେଲେ,
କୁହତ କୁହ କିଏ
ଆମ ଗଉରବ ସିଏ।

ଉତ୍ତର – ଲାଲ୍ ବାହାଦୁର ଶାସ୍ତ୍ରୀ

– ବୈକୁଣ୍ଠ ବିହାରୀ ସ୍ୱାଇଁ
ଶରଣ ଶ୍ରୀକ୍ଷେତ୍ର, ଏକାଘରିଆ,
ଢେଙ୍କାନାଳ, ମୋ: ୯୯୩୭୨୩୯୮୨୮

## ପ୍ରଜାପତି ସ୍ୱାଦ ଜାଣେ କିପରି...


ସତରେ ପ୍ରକୃତିର ସୃଷ୍ଟି ବିଚିତ୍ର। ମାନବ ସମାଜ ବ୍ୟତୀତ ପଶୁପକ୍ଷୀ ମଧ୍ୟ ପୃଥିବୀ ପୃଷ୍ଠରେ ତିଷ୍ଠି ରହିଛନ୍ତି। ପିଲାଏ, ତୁମେମାନେ ତ ପ୍ରଜାପତି ଦେଖିଥିବ। ବିଭିନ୍ନ ରଙ୍ଗର ପ୍ରଜାପତି ଉଡୁଥିବା ସମୟରେ ଦେଖିବାକୁ ଭାରି ଭଲ ଲାଗେ, ନୁହେଁ ? ହେଲେ ପ୍ରଜାପତି ତାହାର ଖାଦ୍ୟର ସ୍ୱାଦ କିପରି ଜାଣିପାରେ ଜାଣିଛ ? ନିଜ ଗୋଡ ସାହାଯ୍ୟରେ ସେ ଏହାର ସ୍ୱାଦ ଅନୁଭବ କରିଥାଏ। କେଉଁ ଫୁଲର ସ୍ୱାଦ କିପରି ସେ ଜାଣିବା ପରେ ହିଁ ସେଥିରୁ ଖାଦ୍ୟ ସଂଗ୍ରହ କରେ। ଫୁଲ ଚାରିପଟେ ବୁଲିବା ସମୟରେ ସେ ଅନୁମାନ କରି ତାହା ଉପରେ ବସେ। ଆଉ ଯେତେବେଳେ ସେ ତା ଗୋଡଦ୍ୱାରା ଫୁଲଟିର ସ୍ୱାଦ ମିଠାବୋଲି ଜାଣିପାରେ ସେତେବେଳେ ତାହାକୁ ଖାଦ୍ୟ ରୂପେ ଗ୍ରହଣ କରେ। ପ୍ରଜାପତିର ଗୋଡରେ କେତେକ ରାସାୟନିକ ଗ୍ରାହକ(କେମିକାଲ ରିସେପ୍ଟର) ରହିଛି ଯାହା ସେନସର ଭଳି କାମ କରିଥାଏ। ଏମାନେ ବିଶେଷଭାବରେ ମିଠାଜାତୀୟ ଫୁଲ ଉପରେ ବେଶୀ ବସିବାକୁ ପସନ୍ଦ କରନ୍ତି।




## ସବୁଠାରୁ ଛୋଟ ଆଇଲାଣ୍ଡ

ସମୁଦ୍ର ପାଣି ଚାରିପଟେ ଘେରି ହୋଇଥିବା ସ୍ଥଳଭାଗକୁ ଆଇଲାଣ୍ଡ କୁହାଯାଏ। ବିଶ୍ୱରେ ବିଭିନ୍ନ ସ୍ଥାନରେ ଆକାର ଏବଂ ପ୍ରକାରକୁ ଦେଖି ଆଇଲାଣ୍ଡ ରହିଛି। ପିଲାମାନେ ତୁମେ ଜାଣିଛ ବିଶ୍ୱର ସବୁଠାରୁ ଛୋଟ ଆଇଲାଣ୍ଡର ନାମ ଏବଂ ଏହା କେଉଁଠାରେ ଅବସ୍ଥିତ। ଏହି ଦ୍ୱିପଟିର ନାମ ଜଷ୍ଟ ରୁମ୍ ଏନଫ୍ ଆଇଲାଣ୍ଡ (Just Room Enough Island)। ଆମେରିକାର ନ୍ୟୁୟର୍କ ସ୍ଥିତ ଥାଉଜେଣ୍ଡରେ ଥିବା ଏହି ଦ୍ୱିପଟି ତାର ଆକାରକୁ ନେଇ ପରିଚିତ। ଦ୍ୱିପଟିର କ୍ଷେତ୍ରଫଳ ପ୍ରାୟ ୩୩୦୦ବର୍ଗଫୁଟ ହେବ। ଏହାର ଅର୍ଥ ଖାଲି ଏତିକି ସ୍ଥାନ ଆବଶ୍ୟକ ଯେତିକି ଦରକାର। ଏହା ପର୍ଯ୍ୟଟକଙ୍କ ଲାଗି ଏକ ଲୋକପ୍ରିୟ ସ୍ଥାନ। ଆଇଲାଣ୍ଡଟି ଏତେ ଛୋଟ ଯେ ଯଦି ଆପଣ କବାଟ ଖୋଲି ଦେଖିବେ ଦୁଆର ମୁହଁରେ ପାଣି ଦେଖିବାକୁ ପାଇବେ। ଏହାକୁ ହବ୍ ଆଇଲାଣ୍ଡ ମଧ୍ୟ କୁହାଯାଏ। । ଆଇଲାଣ୍ଡଟିରେ ଏକ ଗଛ ସହିତ କିଛି ବୁଦା ଜାତୀୟ ବୃକ୍ଷ ଦେଖିବାକୁ ମିଳିଥାଏ।







## ଏଇଟ୍-ଡି ସିଟି

ଦିନକୁ ଦିନ କାରିଗରି ବିଦ୍ୟା ଉନ୍ନତି କରିବାରେ ଲାଗିଛି। ଆଉ ଏହାକୁ ଉପଯୋଗ କରି ଅନେକ ଦେଶ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରୁଛନ୍ତି। ଏହି ତାଲିକାରେ ଚାଇନାର ନାମ ରହିଛି। ଏହି ଦେଶ କାରିଗରି ବିଦ୍ୟାରେ କେତେ ଉନ୍ନତ ତାହା ପ୍ରାୟ ଅନେକ ଜାଣନ୍ତି। ରାସ୍ତାଟିଏ ନିର୍ମାଣ କରିବା ସମୟରେ ହେଉ ଅବା ଟ୍ରେନ୍ ଲାଇନ ତିଆରି କରିବା ବେଳେ ଯଦି କିଛି ସମସ୍ୟା ସୃଷ୍ଟି ହୁଏ ତେବେ ସେଠାକାର ଇଞ୍ଜିନିୟରମାନେ ବୁଦ୍ଧି ଏବଂ କୌଶଳ ପ୍ରୟୋଗ କରିଥାଆନ୍ତି। ପାହାଡ ଉପରେ ମଝିରେ ରାସ୍ତା ତିଆରି କରିବା, ଆପାର୍ଟମେଣ୍ଟ ଭିତର ଦେଇ ରାସ୍ତା ନେବା ବ୍ୟତୀତ ସେଠାରେ ଏଗୁଡିକୁ ଏଭଳି ନିର୍ମାଣ କରାଯାଇଥାଏ ଯେ କେହି ବି ଦେଖିଲେ ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ। ସେହିଭଳି ଚାଇନାର ଚଙ୍ଗିଙ୍ଗ୍ ନାମକ ସହର ରହିଛି ଯାହାକୁ ଏଇଟ୍-ଡି ସିଟି (୫-D City) କୁହାଯାଏ। ଏହି ସହରରେ ରାସ୍ତା, ଟ୍ରେନ୍ ଲାଇନ୍ ଏଭଳି ନିର୍ମାଣ କରାଯାଇଛି ଯାହାକୁ ଦେଖିଲେ ଯେ କେହି ପ୍ରଶଂସା ନ କରି ରହିପାରିବେ ନାହିଁ। ରାସ୍ତା ଉପରେ ରାସ୍ତା, ତା'ଉପରେ ଟ୍ରେନ୍ ଲାଇନ୍,ତା'ଉପରେ ରାସ୍ତା-ଏମିତି ବିଭିନ୍ନ ପ୍ରକାର ନିର୍ମାଣ କୌଶଳ ଜଣେ ଏଠାରେ ଦେଖିବାକୁ ପାଇବ। ଏହି ସହରରେ କେତେକ ସ୍ଥାନରେ ୫-୬ ଫ୍ଲୋର୍ ବିଶିଷ୍ଟ ରାସ୍ତା ତିଆରି କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଯେ ମନୋରେଲ୍ ଟ୍ରେନ୍ ଲାଇନ୍ ଏକ ବିଲ୍ଡିଂ ଭିତର ଦେଇ ଯାଇଅଛି। ଏପରି ନିର୍ମାଣ ଶୈଳୀକୁ ସେଠାକାର ଜନସାଧାରଣ ବିରୋଧ ନ କରି ପ୍ରଶଂସା କରିଥାଆନ୍ତି।

## ହାତୀ କାନ କାହିଁକି ବଡ଼ ହୋଇଥାଏ

ହାତୀ ଏକ ବିଶାଳକାୟ ପ୍ରାଣୀ। ଏହାର କାନ ମଧ୍ୟ ଅନ୍ୟ ପ୍ରାଣୀଙ୍କ ତୁଳନାରେ ବଡ। ତେବେ ଜାଣିଛନ୍ତି କି ଏହାର କାନ ଏତେ ବଡ କାହିଁକି ? ଏହା ହାତୀ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ହାତୀ ଦେହରୁ ଝାଳ ବୋହିଲେ ସେ ତା କାନ ହଲାଇ ଥାଏ। ଏହାଦ୍ୱାରା ତା ଶରୀରର ରକ୍ତ ବାହିକା ସମ୍ପୂର୍ଣ୍ଣ ଶରୀରକୁ ଥଣ୍ଡା ପ୍ରଦାନ କରିବାରେ ସାହାଯ୍ୟ କରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହାତୀ କାନରେ ବହଳିଆ ଜାଲି ରହିଛି , ଯାହା ମାଧ୍ୟମରେ ଦୂର ଏବଂ ପାଖ ଶବ୍ଦକୁ ବେଶ୍ ଭଲ ଭାବରେ ଶୁଣି ପାରିଥାଏ। କେବଳ ସେତିକି ନୁହେଁ, ହାତୀ କାନର ବିଭିନ୍ନ ଭଙ୍ଗୀକୁ ନେଇ ତାହାର ମାହୁନ୍ତ ହାତୀର ରାଗିବା, ଆକ୍ରମଣ କରିବା ଆଦି ବିଷୟରେ ସୂଚନା ପାଇଥାଏ। ତେବେ ବର୍ତ୍ତମାନ ଏମାନଙ୍କର ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ତେଣୁ ହାତୀ ସୁରକ୍ଷା ପାଇଁ ସରକାର ବିଭିନ୍ନ ପ୍ରକାର ନୀତି ନିୟମ ମଧ୍ୟ ପ୍ରଣୟନ କରିଛନ୍ତି। ହାତୀ ଶିକାର କରିବା ଏକ ଦଣ୍ଡନୀୟ ଅପରାଧ ।

# ଆଇନା

**ରିୟାଂଶ ତନ୍ଭୀଶ**
୭ବର୍ଷ/ କୋରାପୁଟ





**ସାନ୍ଭୀ ସାହୁ**
୮ ବର୍ଷ/ଅନୁଗୋଳ